# ବାମାବାଦ ଓ କଥାକାର ଫକୀର ମୋହନ

ଦୀପ୍ତିମୟୀ ସାହୁ

ଅପ୍ରତିଦ୍ୱନ୍ଦ୍ୱୀ କଥାକାର ଫକୀର ମୋହନ ସେନାପତିଙ୍କର ସୃଷ୍ଟିରେ ଦୁର୍ଲ୍ଲଭ ପରିକଳ୍ପନା ହେଉଛି 'ନାରୀ' । ସେ ପୁରୁଷଠାରୁ ଶାରୀରିକ ଗଠନ ଦୃଷ୍ଟିରୁ ଭିନ୍ନ ହୋଇପାରେ ସତ, ମାତ୍ର ତା'ର ଜ୍ଞାନ, ବୁଦ୍ଧି, ବିଦ୍ୟାର ପରିପକ୍ୱତା ଦୃଷ୍ଟିରୁ ସେ ମଧ୍ୟ ପୁରୁଷଙ୍କ ସହ ସମତାଳରେ ଗତି କରିପାରେ, ଆପଣାର ବିଚାରବୋଧ, ସ୍ୱାତନ୍ତ୍ର୍ୟ, ସ୍ୱାଧୀନତାର ମୂଲ୍ୟବୋଧକୁ ଅକ୍ଷୁଣ୍ଣ ରଖି ନିଜର ପ୍ରତିଭା ତଥା ଯୋଗ୍ୟତାର ପ୍ରତିପାଦନ ନିମିତ୍ତ ସମାଜର ମଶାଲ ହୋଇ ନୂତନ ଦିଗନିର୍ଣ୍ଣୟ କରିପାରେ । ଏହା ହିଁ ବାମାବାଦୀ ଚେତନାଭୁକ୍ତ ପ୍ରମୁଖ ଲକ୍ଷଣ । ନାରୀ, ପୁରୁଷଙ୍କ ସହ ସମାସ୍କନ୍ଧ ହୋଇ ରାଜନୈତିକ, ସାମାଜିକ, ଶିକ୍ଷାଦୀକ୍ଷା, ଚାକିରି ପ୍ରଭୃତି କ୍ଷେତ୍ରରେ ସମାଧିକାର ପାଇବାର ଚିନ୍ତା ବା ଭାବନାକୁ ନାରୀବାଦ ବା ବାମାବାଦ ବୋଲି କୁହାଯାଇଥାଏ ।

ଇଂରାଜୀ 'Feminism'ଶବ୍ଦଟିକୁ ଓଡ଼ିଆରେ 'ନାରୀବାଦ' ବା 'ବାମାବାଦ' ଭାବରେ ଆଲୋଚକଗଣ ଗ୍ରହଣ କରିଛନ୍ତି, ଯାହାକୁ ପ୍ରଥମେ ସମାଜବାଦୀ ତଥା ଫ୍ରାନ୍ସର ଦାର୍ଶନିକ 'Charles Fourier' ସୃଷ୍ଟି କରିଥିଲେ । ୧୮୩୭ ପରେ ଏହି ଶବ୍ଦଟି ୧୮୭୨ ରେ ନେଦରଲ୍ୟାଣ୍ଡ, ଗ୍ରେଟ୍ ବ୍ରିଟେନ୍, ୟୁନାଇଟେଡ୍ ଷ୍ଟେଟ୍ସ ଅଫ୍ ଆମେରିକାରେ ତଥା ୧୮୫୨ରେ Oxford English Dictionaryରେ ସ୍ଥାନ ପାଇଥିଲା । ପାଶ୍ଚାତ୍ୟ ସାହିତ୍ୟରେ ନାରୀମାନଙ୍କର ଅଧିକାରର ସୁରକ୍ଷା ତାଙ୍କ ସୃଜନଶୀଳ ସମ୍ଭାବନା, ଶାରୀରିକ, ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣର ବିଶଦ ଆଲୋଚନା ଆଦି ନାରୀବାଦକୁ ନେଇ ଉଜ୍ଜୀବିତ । ଫ୍ରାନ୍ସର Simonede Beauvoirଙ୍କ 'The Second Sex' (1949)ରେ ନାରୀବାଦୀ ଦୃଷ୍ଟିକୋଣ ନେଇ ମଣିଷ ସଭ୍ୟତାକୁ ବିଚାର କରିବା ନିମିତ୍ତ ଏକ ଉତ୍ତମ ପୁସ୍ତକ । ତାଙ୍କ ପୁସ୍ତକର ବହୁ ଚର୍ଚ୍ଚିତ ଧାଡ଼ି – 'One is not born, but rather becomes, woman; ଏଇ ନାରୀତ୍ୱର ପାର୍ଥକ୍ୟ ଶାରୀରିକ, ମାନସିକ କିମ୍ବା ବୌଦ୍ଧିକ କାରଣରୁ ଆସେ ନାହିଁ ବରଂ ସମାଜ, ଅବା କେଉଁ ପ୍ରାଚୀନ କାଳରୁ ପୁରୁଷ ଏବଂ ନାରୀ ମଧ୍ୟରେ ଏ ପାର୍ଥକ୍ୟକୁ ସୃଷ୍ଟି କରିଛି । ନାରୀକୁ ଦୁର୍ବଳା, ଅବଳା ସଜେଇ ଆପଣା ସାମ୍ନାରୁ ଦୂରେଇ ରଖିଛି ।

ବେଦ ବେଦାନ୍ତ କାଳରୁ ଆମ ଭାରତବର୍ଷରେ କୁନ୍ତୀ, ସାବିତ୍ରୀ, ସୀତା, ଦ୍ରୌପଦୀ, ଅହଲ୍ୟା, ମନ୍ଦୋଦରୀ, ତାରା ଭାବରେ ଯିଏ ଚିର ପୂଜ୍ୟା । ବେଦ, ଶାସ୍ତ୍ର, ପୁରାଣ ଆଦିରେ ଯାହାର ନାମ ଉଚ୍ଚାରଣ ମାତ୍ରେ ପବିତ୍ରତା ତଥା ଶୁଦ୍ଧତା ମିଳିଥାଏ, ଏଭଳି ମହିୟସୀଙ୍କ ଗର୍ଭସମ୍ଭୂତା ଏ ନାରୀଜାତି ମୋଗଲ, ମରହଟ୍ଟା ଆଦିଙ୍କ କୁଦୃଷ୍ଟି ତଥା ଅତ୍ୟାଚାରରୁ ବର୍ତ୍ତିବା ନିମନ୍ତେ ହୋଇଯାଇଥିଲେ ଅସୂର୍ଯ୍ୟଂପଶ୍ୟା । ଏମାନେ ଆପଣାର ଇଚ୍ଛା, ଆକାଂକ୍ଷାକୁ ଚାପି ରଖି ସତୀପ୍ରଥା, ବାଲ୍ୟବିବାହ, ପରଦାପ୍ରଥା ଆଦି ମାଧ୍ୟମରେ ଘରର ଦେହଳୀ ତଥା ଏରୁଣ୍ଡି ବନ୍ଧ ଭିତରେ ଆପଣାକୁ ସଂକୁଚିତ କରି ରଖିଥିଲେ ।

ଇଂରେଜ ଶାସନ, ରେନେସାଁ, ନ'ଅଙ୍କ ଦୁର୍ଭିକ୍ଷ, ଭାଷା ବିଲୋପ ଆନ୍ଦୋଳନ ପ୍ରଭୃତି କାରଣରୁ ଊନବିଂଶ

ଶତକର ଶିକ୍ଷା–ଦୀକ୍ଷା, ସାମାଜିକ, ସାଂସ୍କୃତିକ, ରାଜନୈତିକ ତଥା ପାରିପାର୍ଶ୍ୱିକ ଚିନ୍ତା ଚେତନାରେ ପାଶ୍ଚାତ୍ୟ ଭାବମାନ ଉଙ୍କିମାରିଛି । ନୂଆ ଚେତନାର ପ୍ଲାବନରେ ପ୍ଲାବିତ ହୋଇଛି ଓଡ଼ିଆ ଯୁବମାନସ । ଫଳସ୍ୱରୂପ, ସେମାନେ ସମାଜର ଧରବନ୍ଧା ନୀତିନିୟମ ତଥା ସଂସ୍କାରରେ ପରିବର୍ତ୍ତନ ପାଇଁ ହୋଇଛନ୍ତି ସଚେଷ୍ଟ । ଏ କ୍ଷେତ୍ରରେ ଆଧୁନିକ ଓଡ଼ିଆ କଥା ସାହିତ୍ୟର ସ୍ରଷ୍ଟା, ବାମାପନ୍ଥୀ ଚିତ୍ରକାର, 'ବ୍ୟାସକବି ସରସ୍ୱତୀ ଫକୀର ମୋହନ'ଙ୍କ ନାମ ଓଡ଼ିଆ ସାହିତ୍ୟର ଏକ ସଶ୍ରଦ୍ଧ ଉଚ୍ଚାରଣ । ଊନବିଂଶ ଶତକର ଏହି ପ୍ରବୀଣ ସାହିତ୍ୟିକ ଓଡ଼ିଆ ଜନଜୀବନ, ପଲ୍ଲୀ–ପ୍ରକୃତି, ତା'ର ଭାଷା, ହୃଦୟର ସ୍ପନ୍ଦନକୁ ହୃଦ୍‌ବୋଧ କରିବାର ଜଣେ ନିଆରା କଥାକାର । ଧୂଳିମାଟିରୁ ଶବ୍ଦ ସାଉଁଟି ସାଧାରଣ ଗ୍ରାମ୍ୟ ଲଳନାଙ୍କର ତଥା ଜନଜୀବନଙ୍କ ବାସ୍ତବ ଛବି ଅଙ୍କନ କରିବାରେ ସେ ପ୍ରଥମ ସଫଳ ଓଡ଼ିଆ ମାର୍ଗଦର୍ଶକ ।

ତାଙ୍କର ଅନୁବାଦ, ପାଠ୍ୟପୁସ୍ତକ, କାବ୍ୟ–କବିତା, ଗଳ୍ପ, ଉପନ୍ୟାସ ଆଦି ଓଡ଼ିଆ ସାହିତ୍ୟର ମୂଳଭିତ୍ତି ପାଇଁ ଏବଂ ସଂସ୍କାରିତ, ପଲ୍ଲୀପ୍ରାଣତା, ବୌଦ୍ଧିକତା ତଥା ଜାତି–ଜନ–ପ୍ରୀତିର ମହାର୍ଘ ଅବଦାନ କହିଲେ ଭୁଲ୍ ହେବ ନାହିଁ ।

ଚିରବରେଣ୍ୟ କଥାଶିଳ୍ପୀ ଫକୀର ମୋହନଙ୍କ ସାହିତ୍ୟର ସମସ୍ତ ଦିଗମାନଙ୍କ ମଧ୍ୟରୁ ଅନ୍ୟତମ ପ୍ରମୁଖ ବାମାବାଦୀ ଚିନ୍ତାର ପରିପ୍ରକାଶ ଏଠାରେ ଆଲୋଚ୍ୟ ବିଷୟ ।

ସମଗ୍ର ଗଳ୍ପ ସାହିତ୍ୟ ତଥା ଚାରୋଟି ଉପନ୍ୟାସ ମଧ୍ୟରେ ଫକୀର ମୋହନ ସେନାପତି କୋଟି କୋଟି ଓଡ଼ିଆ ନାରୀଙ୍କ ଭାବ–ଭାବନା, ଚିନ୍ତା–ଚେତନା, ଦୁଃଖ–ସୁଖ ଓ ଅଭାବ–ସ୍ୱଭାବ ଆଦିର ବାସ୍ତବ ରୂପାୟନ କରିଛନ୍ତି । ନାରୀ ହୃଦୟର ମନର, ଅକୁହା ବାଣୀ ତାଙ୍କ ସୃଷ୍ଟିକୁଞ୍ଜରେ ଗୁଞ୍ଜରି ଉଠିଛି । ସେ ଓଡ଼ିଆ ସାହିତ୍ୟର ପ୍ରଥମ ସାହିତ୍ୟିକ, ଯେ କି ଆପଣା ସାହିତ୍ୟ ମଧ୍ୟରେ ପଲ୍ଲୀ ଓଡ଼ିଆଣୀଙ୍କ ଓଢ଼ଣା ତଳର ଭୟ, ବ୍ୟଥା, ଦୁଃଖ, ଶୋକର ମାନ ଅଭିମାନଙ୍କୁ ପ୍ରତ୍ୟକ୍ଷ ଭାବେ ତନ୍ନତନ୍ନ କରି ପ୍ରଥମେ ପରିବେଷଣ କରିଛନ୍ତି । ସଞ୍ଜାୟ ହୋଇ ଧର୍ମାନ୍ଧ ସାମାଜିକ ଅର୍ଗଳିରେ ବନ୍ଧା ଶିକ୍ଷିତ–ଅଶିକ୍ଷିତ ଧୃତରାଷ୍ଟ୍ରଙ୍କୁ କନ୍ୟା, ଭଗିନୀ, ଜାୟା, ଜନନୀଙ୍କ କଷଣ, ଶୋଷଣ, ନିର୍ଯାତନା, ଅତ୍ୟାଚାରର ଭୟାବହତାକୁ ଦେଖି ଦେଖାଇ ଦେଇଛନ୍ତି କଥା ସାହିତ୍ୟ ମାଧ୍ୟମରେ । ଫଳସ୍ୱରୂପ ଏଇ ସମାଜ ତାଙ୍କ ସ୍ୱତନ୍ତ୍ରତା, ଶିକ୍ଷା–ଦୀକ୍ଷାଦି ପ୍ରତି ସୁ–ସଚେତନ ହେବାକୁ ଅଣ୍ଟାରେ ଗାମୁଛା ଭିଡ଼ି ଆଖିକୁ ହୃଦୟକୁ ମନକୁ ଖୋଲା କରିଛି । ସମୟ ସହ ସମତାଳରେ ଗତି କରିବା ନିମନ୍ତେ ହୋଇଛି ବଦ୍ଧପରିକର ।

ବୁଦ୍ଧିଜୀବୀମାନଙ୍କର ସହୃଦୟତାର ଦୃଷ୍ଟିପାତ ନିମନ୍ତେ ତାଙ୍କର ଆଦ୍ୟଶଙ୍ଖନାଦ, ବହୁଚର୍ଚ୍ଚିତ ତଥା ଜନାଦୃତ ଗଳ୍ପ ହେଉଛି 'ରେବତୀ' । ଆଜିର ଏକବିଂଶ ଶତାବ୍ଦୀରେ ନାରୀଶିକ୍ଷା, ସ୍ୱତନ୍ତ୍ରତା ତଥା ଜାଗରଣର ଯେଉଁ ବିରାଟ ବୃକ୍ଷମାନ ଶାଖାପ୍ରଶାଖା ମେଲି ଚକାମାଡ଼ି ବସିଛନ୍ତି, ତାହା ଯେ ଆଜକୁ ପ୍ରାୟ ୧୨୦ ବର୍ଷ ତଳେ ଫକୀର ମୋହନଙ୍କ ଗୋଟିଏ ସାଧାରଣ ଝିଅ 'ରେବତୀ' ଚରିତ୍ର ମାଧ୍ୟମ ଦେଇ ବୀଜବପନ ହୋଇଥିଲା, ତାହା କୌଣସି ବୁଦ୍ଧିଜୀବୀ ଅସ୍ୱୀକାର କରିପାରିବେ ନାହିଁ ବରଂ ଆଶ୍ଚର୍ଯ୍ୟାନ୍ୱିତ ହେବେ ।

ପରିବାରର ଦୁର୍ଗତି, ବାପା, ମାଆ, ଶିକ୍ଷକ ବାସୁଦେବର ମୃତ୍ୟୁ ତଥା ସମସ୍ତ ସର୍ବନାଶର କାରଣ ମନେକରି ଆମ ପ୍ରାଚୀନ ପରଂପରାର ପ୍ରତୀକ ଜେଜୀମା ତାକୁ ଅଭିମାନଭରା, ଦରଦମିଶା, ଗାଳି, ଭର୍ତ୍ସନା – 'ଲୋ ରେବତୀ, ଲୋ ରେବି, ଲୋ ନିଆଁ, ଲୋ ଚୂଲି' ଦେବାର ପ୍ରତିବଦଳରେ ଗାଳ୍ପିକ ତା'ର ନିର୍ଦ୍ଦୋଷ ପଣିଆକୁ ସୂଚିତ କରିଛନ୍ତି । ସମୟ ନେଇ ଫଳଦୃଷ୍ଟିରୁ ତତ୍‌କାଳୀନ ସମୟ ତଥା ସମାଜିକ ଧର୍ମାନ୍ଧ ମଣିଷର ହୃଦୟ ପରିବର୍ତ୍ତନ ନିମନ୍ତେ ଗଳ୍ପର ପରିଣତିରେ 'ରେବତୀର' ମୃତ୍ୟୁ ହୋଇଛି । ଏହି କରୁଣ ପରିସ୍ଥିତି ସୃଷ୍ଟି ନିମନ୍ତେ ଗାଳ୍ପିକଙ୍କ ପଦକ୍ଷେପ ସୁଚିନ୍ତିତ ତଥା ଅନିବାର୍ଯ୍ୟ ମନେହୁଏ । ଝିଅ ଯେ ପଢ଼ିଲେ ଦୁର୍ଗତି ମାଡ଼ିଆସେ ଏଭଳି କୁତ୍ସିତ ଅନ୍ଧବିଶ୍ୱାସ ତଥା ମନର ମିଛ ମଇଳାରେ ଆମେ ଆମ ସମାଜର ନିଷ୍ପାପ କଳିମାନଙ୍କୁ ଫୁଲ ଫୁଟି ସୁରଭି ବାଣ୍ଟିବା ଆଗରୁ ଦଳି ଦେଉଥିଲୁ ଜାଣି ଲଜ୍ଜା ଅନୁଭବ ହୁଏ । ଯାହାକୁ ଗଳ୍ପ ମାଧ୍ୟମରେ କେଡ଼େ କୌଶଳରେ ହୃଦୟସ୍ପର୍ଶୀ କରାଇଛନ୍ତି ଗାଳ୍ପିକ ।

କେତେକ କ୍ଷେତ୍ରରେ ନାରୀ ପୁରୁଷଠାରୁ ବି ଆଗୁଆ । କେବଳ ଗୃହକର୍ମରେ ନୁହଁ, ଦେଶ ସମ୍ଭାଳିବାରେ ମଧ୍ୟ ତା'ର ପାରିଲାପଣ ସାରା ଦୁନିଆ ଦେଖିସାରିଛି । ଦାୟିତ୍ୱ ନିର୍ବାହ କରିବାରେ ତା'ର ବ୍ୟକ୍ତିତ୍ୱର ସୁପ୍ରଭା କୋଣେକୋଣେ ବିଚ୍ଛୁରିତ । ଖୁବ୍ ସରଳ ଭାବେ ଫକୀର ମୋହନ, 'ପେଟେଣ୍ଟ ମେଡ଼ିସିନ୍' ଗଳ୍ପ ଜରିଆରେ ଏହି ଚେତନାର ରୂପାୟନ କରିଛନ୍ତି । ନାରୀ ସ୍ୱତନ୍ତ୍ରତା ତଥା ସ୍ୱାଧୀନତାର ମଶାଲ୍ ଏଠାରେ ଗଳ୍ପ ନାୟିକା 'ସୁଲୋଚନା ଦେଈ' ।

ଶ୍ୟାମ ପଟ୍ଟନାୟକ ନିଜର ଅଯୋଗ୍ୟ, ଦୁଶ୍ଚରିତ୍ର, ନିଶାଖୋର ପୁତ୍ର 'ଚନ୍ଦ୍ରମଣି ବାବୁ'ଙ୍କ ପରିବର୍ତ୍ତେ ଆପଣା ବୋହୂ ସୁଲୋଚନା ଦେଈଙ୍କୁ ସଂପତ୍ତି ସମ୍ଭାଳିବାର ଗୁରୁଦାୟିତ୍ୱ ଅର୍ପଣ କରିଥିଲେ । ଏ ଗଳ୍ପନାୟିକା ସୁନ୍ଦରୀ, ଶିକ୍ଷିତା, 'ସୁଲୋଚନା' କେବଳ କାରବାର ଅଥବା ଘର ଚଳାଇପାରେ, ତାହା ନୁହଁ, ଦରକାର ବେଳେ ଅସତ୍‌ପଥର ପଥିକ ସ୍ୱାମୀ ଚନ୍ଦ୍ରମଣିଙ୍କୁ ପେଟେଣ୍ଟ ମେଡ଼ିସିନ୍ ରୂପକ ଝାଡୁ ପାହାର ଦେଇ ସଠିକ୍ ମାର୍ଗ ମଧ୍ୟ ଦେଖାଇ ଦେଇପାରେ । ବିଚାର ଦୃଷ୍ଟିରୁ ଏଠାରେ ନାରୀ ସ୍ୱାଧୀନତା ନାରୀ ସ୍ୱତନ୍ତ୍ରତା, ନାରୀବାଦୀ ଚେତନା, ଉଚ୍ଛୃଙ୍ଖଳିତ ହୋଇନି ବରଂ ଜଣେ ବୁଦ୍ଧିମତୀ, ପତିବ୍ରତା, ସ୍ୱାମୀ ସୋହାଗିନୀ, ନିତ୍ୟନୂତନ ସୁଶୃଙ୍ଖଳିତ ନାୟିକାଟିଏ ସହ ପାଠକେ ପରିଚିତ ହୁଅନ୍ତି । ହେ ସୁଧୀବୃନ୍ଦ ! ଟିକିଏ ନିରିଖେଇ ଦେଖନ୍ତୁନା, ଏହି ସୁଲୋଚନା ଚରିତ୍ର ଦେଇ ଓଡ଼ିଆଣୀ ଗୃହିଣୀ ମଧ୍ୟରେ ଯେଉଁ ନାରୀବାଦୀ ଉଚ୍ଛ୍ୱସିତ ପ୍ରଚ୍ଛନ୍ନ ଆହ୍ୱାନ ଉଙ୍କି ମାରୁଛି, ତାହା କ'ଣ ଫକୀର ମୋହନୀୟ ବାମାବାଦୀ ଚେତନାର ଆଦ୍ୟାନ୍ମୋଚନ ନୁହେଁ କି !!!

ନାରୀ ଚରିତ୍ର ଉତ୍ତରଣ ପର୍ଯ୍ୟାୟରେ ସ୍ନେହମୟୀ ଜନନୀର ଅକପଟ ସ୍ନେହ, ପ୍ରେମର ମମତ୍ୱ ଫଲ୍‌ଗୁରେ ସ୍ରୋତସ୍ୱତୀ ହୋଇ ସାମ୍ନାକୁ ଆସନ୍ତି 'ରାଣ୍ଡୀପୁଅ ଅନନ୍ତା' ଗଳ୍ପର ନାୟକ 'ଅନନ୍ତା'ର ମାଆ 'ସିଂହାଣୀ' । ସୁବଳା ମହାକୁଡ ସିଂହର ପନ୍ନୀ 'ମହାକୁଡାଣୀ ଦେବକୀ'ର ପୁତ୍ର– 'ଅନନ୍ତା' ପ୍ରତି ଅତୁଳନୀୟ ମମତାର ଦୀପ୍ତି ପାଠକ ଲକ୍ଷ୍ୟ କରନ୍ତି । ସ୍ୱାମୀ ଅନ୍ତେ ଏକମାତ୍ର ପୁତ୍ର ଅନନ୍ତାର ମୁଖ ଚାହିଁ ବଞ୍ଚି ରହିଛି । ଆଖିର ତାରା, ନୟନର ପିତୁଳା, ଅନନ୍ତା ନିଜ ଗାଁ ପାଇଁ ଆତ୍ମୋତ୍ସର୍ଗରେ ସେ ଜଡ଼ ପାଲଟି ଯାଇଛି । କେତେବେଳେ ଯେ ବୟୋବୃଦ୍ଧା ମାତୃତ୍ୱ–ପ୍ରୀତି– ଶିଖା ଦଗ୍ଧ ହୃଦୟର ସ୍ପନ୍ଦନ ପୁତ୍ର ସହ ଜଳରେ ସମାଧିସ୍ଥ ହୋଇଯାଇଛି ତାହା ସେ ଜାଣିପାରିନି ।

ବର୍ତ୍ତମାନର ଆମ ସମାଜ, ଆମ ଜନଜୀବନ, ଯୁବଗୋଷ୍ଠୀ ଜୀବନସାଥୀ ରୂପେ ଶିକ୍ଷିତା, ସୁଶୀଳା, ଚତୁରୀ, ବୁଦ୍ଧିମତୀ, ମେଳାପୀ, ସୁନ୍ଦରୀ କନ୍ୟାମାନ ଇଚ୍ଛା କରୁଛନ୍ତି । ଏସବୁ ଗୁଣ ମଧ୍ୟରୁ ଝିଅ ସୁନ୍ଦରୀ ହେଉ କି ନ ହେଉ କିନ୍ତୁ ଶିକ୍ଷିତା ହେଇଥିବା ଅନିବାର୍ଯ୍ୟ । ସାଂପ୍ରତିକ ସମୟର ଇଣ୍ଟରନେଟ୍ ଯୁଗରେ ଫେସ୍‌ବୁକ୍, ହ୍ୱାଟ୍‌ସଅପ୍, ମ୍ୟାଟ୍ରିମନି ଆଦି ମାଧ୍ୟମରେ ପୁଅ ଝିଅ ପରସ୍ପର ସହ ବୈଦ୍ୟୁତିକ ବାର୍ତ୍ତାଳାପ, ପରସ୍ପର ସମ୍ବନ୍ଧୀୟ ତଥ୍ୟ ଓ ଗୁଣାବଳୀ ସମ୍ବନ୍ଧରେ ଅବଗତ ହୋଇ ଜୀବନସାଥୀ ଚୟନ କରୁଛନ୍ତି । ବର୍ତ୍ତମାନର ଏହି ଭବ୍ୟଭାବନା ବିଂଶ ଶତାବ୍ଦୀର ଆଦ୍ୟପାଦରେ 'ପାଠୋଇ ବୋହୂ' ଗଳ୍ପ ନାୟକଙ୍କ ମଧ୍ୟ ଦେଇ ସୁପ୍ରକାଶ୍ୟ । ମୁକ୍ତାରା ବାବୁଙ୍କ ଚରିତ୍ର ମଧ୍ୟ ଦେଇ ଗାଳ୍ପିକଙ୍କ ଚିନ୍ତା ଚେତନାର ନିତ୍ୟ ନୂତନତାକୁ ଟିକେ ଠଉରାନ୍ତୁ– 'ବସାରେ ଖର୍ଚ୍ଚପତ୍ର ହିସାବ ବୁଝିପାରିବ, ଭାଷାପତ୍ର ଖଣ୍ଡେ ଲେଖିପାରୁଥିବ, ଏପରି ପାଠୋଇ କନ୍ୟାଟିଏ ପାଇଲେ ବିଭାହେବେ । ମୂର୍ଖ କନ୍ୟାଟିଏ ବିଭାହେଲେ କ'ଣ ହେବ ।'

ଏଇ ଦୁଇଟି ପଂକ୍ତିରୁ ତତ୍‌କାଳୀନ ସମାଜରେ ଶିକ୍ଷିତା ନାରୀ ତଥା କନ୍ୟାର ବିବାହ ଉପଯୋଗିତାକୁ ଗାଳ୍ପିକ ନୂଆ ଦୃଷ୍ଟିରେ ଦର୍ଶନ କରାଇଛନ୍ତି ସାମାଜିକ ପ୍ରାଣୀଙ୍କୁ ।

ସେ ପରଂପରାକୁ ଭଲ ପାଆନ୍ତି, କିନ୍ତୁ ଯେଉଁ ଅନ୍ଧବିଶ୍ୱାସ, କୁସଂସ୍କାରାଚ୍ଛନ୍ନ ସାମାଜିକ ପରଂପରା ନାରୀର ସ୍ୱାଧୀନତା, ତା'ର ଇଚ୍ଛା, ଅନିଚ୍ଛାକୁ ପଦାଘାତ କରି, କଣ୍ଢେଇ ଭଳି ତାକୁ ଘରେ ସଜାଇ ରଖନ୍ତି, ସେଭଳି ସାମାଜିକ ନାରୀର ଅବସ୍ଥା ପ୍ରତି ସଚେତ କରାଇ ବ୍ୟଙ୍ଗାକାରରେ ସେ ଆପଣାର ଆଭିମୁଖ୍ୟ ମଧ୍ୟ ରଖିପାରନ୍ତି ।

ଏଇ କେଇ ଧାଡ଼ିରୁ ଦେଖନ୍ତୁନା –

‘କୁଜିପରି ନଇଁ ନଇଁ ଗୋଡ଼ ଟିପି ଗମନା
ମୁଖ ଚନ୍ଦ୍ର ଆବୃତ ହାତେ ଲମ୍ବ ଓଢ଼ଣା
ଚୁ ଚୁ କଥା କହେ ହାଉଡ଼ୀ ସମାନା
ଘରକୋଣ ବାସିନୀ ବିରସ ବଦନା
ମାର୍ଜାର ଶିଶୁ ପରି ମୁଦ୍ରିତ ନେତ୍ରା
ତୈଳ ହରିଦ୍ରା ବିଲେପିତ ଗାତ୍ରା ।’

ଏହିଭଳି ନାରୀଙ୍କ ଦୁର୍ଦ୍ଦଶା ପ୍ରତି ଆମ ନିତ୍ୟ ଶିକ୍ଷିତ ଯୁବକମାନଙ୍କର ଭାବନାରେ ଫକୀର ମୋହନଙ୍କର ନାରୀ ଦରଦୀୟ– ହୃଦୟବତ୍ତାକୁ ଲକ୍ଷ୍ୟକରିବା – ‘ହାୟ ହାୟ ! ଦର ଫୁଟିଲା ପଦ୍ମଟିକୁ ବୋରଝାଞ୍ଚରେ ଘୋଡାଇ ପକାନ୍ତି । ଦେଶର କି କୁପ୍ରଥା ! କି କୁସଂସ୍କାର ! ଛି ଛି ଛି ! ଏପରି କାଠ କଣ୍ଢେଇଟାକୁ କିଏ ବାହା ହେବ ମ ! ମୁଁ ନ ହେବି ନାହିଁ ପଛକେ ବାହା ।’

ଏଇ ଉଦ୍ଧୃତିଟି ଜମିଦାର ଗୋଲାପ ଲୋଚନ ପଟ୍ଟନାୟକଙ୍କ ପୁତ୍ର ‘ମଦନମୋହନ’ଙ୍କ ଭାବନାରେ ଫକୀର ମୋହନଙ୍କ ଭାଷା । ଆମ ସମାଜର ଓଡ଼ିଆ ଝିଅମାନେ ଯେ ଶିକ୍ଷିତ ହୁଅନ୍ତୁ, ଆପଣା ଭାବନକୁ ଖୋଲାଖୋଲି ପ୍ରକାଶ କରିପାରିବାର ଦୃଢ଼ ମାନସିକତା ରଖନ୍ତୁ, ନିଜକୁ ନିତ୍ୟନୂତନ ଭାବରେ ପ୍ରକାଶ କରନ୍ତୁ, ଏହା ହିଁ ତ ଫକୀର ମୋହନଙ୍କ ଉଚ୍ଛସିତ ଭାବନା ତଥା ମହାନ୍ ଇଚ୍ଛା ଥିଲା, ଏକଥା କ’ଣ ଅସ୍ୱୀକାର କରିପାରିବା । ଆମ ନାରୀ ସ୍ୱତନ୍ତ୍ରତା ହେଉ, ଅନନ୍ୟା ହେଉ, ବିଚାରଶୀଳା ତଥା ସ୍ୱାଧୀନା ହେଉ, ଏହା ହିଁ ତ ତାଙ୍କ କାଳଜୟୀ ଗଳ୍ପମାନସର ଆହ୍ୱାନ ।

କେବଳ ଗଳ୍ପ ନୁହେଁ, ଓଡ଼ିଆ କଥା ସାହିତ୍ୟର ଚାରୋଟି ଅମ୍ଳାନ କୃତି– ‘ଛ’ମାଣ ଆଠଗୁଣ୍ଠ’, ‘ଲଛମା’, ‘ମାମୁ’, ‘ପ୍ରାୟଶ୍ଚିତ’ ଉପନ୍ୟାସରେ ମଧ ନାରୀଚେତନାର ପ୍ରଚ୍ଛନ୍ନ ମୂର୍ଚ୍ଛନା ସଂଚାରିତ ହୋଇଛି । ଏଇ ଚରିତ୍ରମାନଙ୍କ ମଧରେ ବାମାବାଦୀ ସାହିତ୍ୟାନ୍ଦୋଳନର ଆଭା ଲକ୍ଷଣୀୟ । ଭିନ୍ନ ଭିନ୍ନ ପ୍ରକୃତି ତଥା ସ୍ୱଭାବର ନାରୀ ତାଙ୍କ ଲେଖନୀରେ ରୂପ ପାଇଛନ୍ତି । ଖଳ, ସରଳ ଅଥବା ଗୌଣ ନାରୀ ଚରିତ୍ରମାନଙ୍କର ସୂକ୍ଷ୍ମାତିସୂକ୍ଷ୍ମ, ନିଖୁଣ ପର୍ଯ୍ୟବେକ୍ଷଣ, ସାହିତ୍ୟରେ ଉଚିତ ସଂସ୍ଥାପନ, ସେମାନଙ୍କ ବ୍ୟକ୍ତିତ୍ୱର ମୂଲ୍ୟାୟନ ତାଙ୍କ ଲେଖକୀୟ ଜୀବନର ବଡ଼ ସଫଳତା ।

ସ୍ୱେଚ୍ଛାଚାରୀ, କଳହୀ, ନଷ୍ଟ ପ୍ରକୃତି ଧାରୀ ଧୂର୍ତ୍ତା, ଭୟଙ୍କରୀ, ଦୁଷ୍ଟାନାରୀର ପରିଣତି ତାଙ୍କ ଲେଖନୀରେ ଅତୀବ ଭୟାବହ । ଛ’ମାଣ ଆଠଗୁଣ୍ଠର ‘ଚମ୍ପା’, ମାମୁର ‘ଚିତ୍ରକଳା’ ମଧରେ ଚିତ୍ରକଳାର ମନ୍ଦକୃତ୍ୟ ପାଇଁ ଦଣ୍ଡ ସ୍ୱରୂପ ପରିଣାମକୁ ଜେଲ୍‌ଦଣ୍ଡ ତଥା ଆଇନ୍ ମଧରେ ସୀମିତ କଲାବେଳେ, ‘ଚମ୍ପା’ ପରି ମହାଧୂର୍ତ୍ତା, କପଟୀ, ବିଶ୍ୱାସଘାତିନୀର ପରିଣତିକୁ କର୍ମ ଘେନି ଫଳ ପ୍ରଦାନ କରିଛନ୍ତି । ଏ କ୍ଷେତ୍ରରେ ଫକୀର ମୋହନଙ୍କ ସାର୍ଥକ ପ୍ରତିଲିପକୁ ଦୃଷ୍ଟି ଦିଆଯାଇପାରେ–

‘ଶୂକରୀ ଉପରେ କେନ୍ଦୁଆ ଯେପରି ଝାମ୍ପି ପଡ଼େ, ସେହିପରି, ଚମ୍ପା ଉପରକୁ ଝାମ୍ପିପଡ଼ିଲା । ଠିକ୍ ସେହି ସମୟରେ ଦୀପଟା ଗର୍ଭକୁ ପଡ଼ିଯାଇ ଦପ୍ କରି ଜଳି ଉଠି ନିଭିଯିବାରୁ କିଛି ଦିଶିଲା ନାହିଁ ।’ଗୋବିନ୍ଦା ଭଣ୍ଡାରୀ କ୍ଷୁରରେ ଚମ୍ପାର ଛଟପଟ ମୃତ୍ୟୁପରେ ମଧ ପାଠକ ହୃଦୟରେ ତା’ ପ୍ରତି ଟିକେ ଦୟା ଭାବ ଜାତ ହୁଏ ନାହିଁ ।

ସେହିପରି ନାରୀର ସ୍ୱଭାବ, ଚିନ୍ତା ଚେତନାର ବିଶ୍ଳେଷଣ ବେଳେ ସାମ୍ନାକୁ ଆସନ୍ତି – ଛ’ମାଣ ଆଠଗୁଣ୍ଠର ‘ସାଆନ୍ତାଣୀ’, ‘ସାରିଆ’, ଲଛମାର ‘ଲଛମା’, ‘ମହାଦେବୀ’, ମାମୁର ‘ଚାନ୍ଦମଣୀ’, ‘ବିଶାଖାଦେଈ’, ‘ସରସ୍ୱତୀ ଦେଈ’, ପ୍ରାୟଶ୍ଚିତର ‘ଇନ୍ଦୁପ୍ରଭା’, ସାଆନ୍ତାଣୀ ଶ୍ରୀହରିପ୍ରିୟା ପ୍ରଭୃତି ସରଳ ଚରିତ୍ରଗଣ । ସ୍ୱଭାବରେ ଶାଳୀନତା, ନିରୀହା, ପତିପ୍ରାଣାଗତା ଏହି ଚରିତ୍ରଗଣଙ୍କର ଭୂମିକା ତାଙ୍କ କଥା ସାହିତ୍ୟର ଜନପ୍ରିୟତା ନିମନ୍ତେ ଯଥେଷ୍ଟ ପୁଞ୍ଜି ଥିଲା ।

ଛ’ମାଣ ଆଠଗୁଣ୍ଠର ନିରବ ନାୟିକା ‘ସାଆନ୍ତାଣୀ’ ଜଣେ ପତିପ୍ରାଣାଭାବ ସଂପନ୍ନା, ଧର୍ମପରାୟଣା, ଜନମଙ୍ଗଳକାରୀ ସାର୍ଥକ ନାରୀ ଚରିତ୍ର । ମାନ–ଅଭିମାନ ବିହୀନା ହୋଇ ସହିଯାଇଛନ୍ତି ସ୍ୱାମୀଙ୍କର ଆଲୋଡାପଣିଆକୁ । ପାବନୀ ଗଙ୍ଗାସଦୃଶା ସ୍ୱାମୀଙ୍କ

ଅଧର୍ମ, ଅନ୍ୟାୟ, ପାପ–ତାପକୁ ଆପଣାର ଧର୍ମକର୍ମରେ ଧୋଇଦେଇଛନ୍ତି । ଅସୁମାରୀ ବ୍ୟଥା, ଦୁଃଖଯନ୍ତ୍ରଣାକୁ ହୃଦୟରେ ଚାପି ଅନ୍ୟର ସେବା ପାଇଁ ବ୍ୟାକୁଳ ହୋଇଉଠେ ତାଙ୍କ ଅନ୍ତରାତ୍ମା । ଲେଖକ କେତେ ବାଗରେ ଏ ଭାବକୁ ଦୃଷ୍ଟିପାତ କରିଛନ୍ତି, ଆମେ ଟିକେ ଦୃଷ୍ଟିଦେବା । 'ବେମାରୀ ସମୟରେ ପୋଇଲି ହେଉ ବା ବୋହୂ ହେଉ, ନାହିଁ କରୁ କରୁ ଗୋଡ଼ରେ ହାତରେ ହାତ ବୁଲାଇ ଦେବେ । ବାହାରେ ହେଉ ଘରେ ହେଉ, କେହି ଉପାସ ଥିଲେ ତାହାକୁ ନ ଖୁଆଇ ଜଳ ଛୁଅଁନ୍ତି ନାହିଁ । ଗାଁର ବିଧବା ବୁଢ଼ୀ ବା ଅନାଥା ବିଧବାମାନଙ୍କର ସର୍ବଦା ଖବର ନିଅନ୍ତି । କାହାରି ଘରେ ଖାଇବାକୁ ନଥିବାର ଶୁଣିଲେ, ସାଆନ୍ତଙ୍କୁ ଲୁଚାଇ, ପୁଅବୋହୂଙ୍କୁ ଲୁଚାଇ ଚାଉଳ ମାଣେ, ବିରିଜାଇ ମୁଠାଏ, ଲୁଣ ବକଟେ, ତେଲ ଟିକିଏ, କଖାରୁ ଖଣ୍ଡେ, ଭେଣ୍ଡି ଜହ୍ନି ପୁଞ୍ଜାଏ, ଯାହାର ଯାହା ଦରକାର ପଠାଇ ଦିଅନ୍ତି । ଗାଁର କାହାର ବୋହୂ ଝିଅ ଦେହକୁ ଲାଗିଲେ ପୋଇଲି ପଠାଇ ତନଖି କରନ୍ତି । ଦେଉନ୍ତୁ ନ ଦେଉନ୍ତୁ ଗରିବ ଦୁଃଖୀମାନଙ୍କର ତାଙ୍କଠାରେ ଗୋଟାଏ ବଡ଼ ଆଶା ଭରସା ଥାଏ ।'

(ଛ'ମାଣ ଆଠଗୁଣ୍ଠ)

ଏହିଭଳି ପୁଣ୍ୟାତ୍ମାଙ୍କ ପାଇଁ ଯେଉଁ ମଙ୍ଗରାଜ ପାପ କରି ବି ନିସ୍ତାର ପାଇ ଯାଉଥିଲେ, ତାଙ୍କ ବିୟୋଗାନ୍ତେ, ଘୋର ଦୁର୍ଗତି ଘୋଟି ଆସିଛି । ପାପାର୍ଜିତ ଧନ ସମୂଳେ ନାଶ ଯିବା ସହିତ, ଭଗିଆର ଗାଈ ନେତ ଏବଂ ଜମି ଚୋରି ଅଭିଯୋଗରେ ଜେଲ୍‌ଦଣ୍ଡ, ପରିଣାମରେ ମୃତ୍ୟୁଦଣ୍ଡ ଭୋଗ କରିଛନ୍ତି ।

ଏ କ୍ଷେତ୍ରରେ ସରଳା ନିରୀହା 'ସାରିଆ' ଚରିତ୍ରଟି ଫକୀର ମୋହନଙ୍କ ଅନ୍ୟତମ ସଫଳତା । ସନ୍ତାନଟିଏ ପାଇଁ ଚମ୍ପାର କୁଚକ୍ରାନ୍ତରେ ପଡ଼ି ପ୍ରାଣଠୁ ଅଧିକ ଭଲ ପାଉଥିବା ସ୍ୱାମୀ, ସନ୍ତାନ ତୁଲ୍ୟା ଗାଈ ନେତ, ଛ'ମାଣ ଆଠଗୁଣ୍ଠ ଜମିକୁ ନେଇ ଗଢ଼ିଉଠିଥିବା ସୁନାର ସଂସାର ଛାରଖାର ହୋଇଯାଇଛି । ପାଗେଳି ହୋଇ ଶେଷରେ ମୃତ୍ୟୁବରଣ କରିଛି ସେ ।

ନାରୀଟିଏ ସରଳା ହୋଇପାରେ ସତ, ମାତ୍ର ସହିବାର ସୀମା ଅତିକ୍ରାନ୍ତ ହେବା ପରେ ତାର ବିପ୍ଳବିଣୀ ବିଶ୍ୱରୂପକୁ ପ୍ରକଟ କରାଏ । ଶାନ୍ତସୁଶୀଳା ସ୍ୱଭାବ ପରିବର୍ତ୍ତେ ସଂହାରିଣୀ ଦଶଭୁଜା ଦୁର୍ଗାଙ୍କ ପରି ଦୁଷ୍ଟ ତଥା ଶତ୍ରୁବିନାଶନ ରୂପଧରି ସମାଜକୁ ସଠିକ୍ ଦିଗ୍‌ଦର୍ଶନ ପ୍ରଦାନ କରାଏ । ସେ ହୋଇଥାଇପାରେ ଅସୂର୍ଯ୍ୟଂପଶ୍ୟା, ପରାଧୀନା ସାଧାରଣୀ ନାରୀଟିଏ, ତଥାପି ତା'ର ଆହ୍ୱାନଭରା ବଜ୍ର–ବାଣୀରେ ଉଲ୍ଲସିତ, ଉତ୍‌ଫୁଲ୍ଲିତ, ଉଚ୍ଛସିତ ଯୁବବୃନ୍ଦଙ୍କୁ ମାଟି ମାଆ ନିକଟକୁ ଆତ୍ମୋତ୍ସର୍ଗ ନିମନ୍ତେ ପ୍ରେରିତ କରେ । ନାରୀ ଶକ୍ତିର ଉତ୍ତୁଙ୍ଗ–ପ୍ରତିଭା ପ୍ରତି ବେଶ୍ ସଚେତନ ଥିଲେ ଫକୀର ମୋହନ । ନାରୀଟି ଯଦି ଅବଳା, ଦୁର୍ବଳା, ଅପରିଚିତା, ସୁଖ ସୌଖୀନର କଣ୍ଢେଇ ଭଳି ସାହିତ୍ୟରେ ପରିଚିତ ପାଏ, ତେବେ ଏ ଦେଶ ଓ ଏ ଜାତିର ଉନ୍ନତି ଚିନ୍ତା କରିବା ବୃଥା । ପ୍ରଥମ କରି ତାଙ୍କ ପରିପକ୍ୱ ମାନସିକତା ଏ ଧରାବନ୍ଧା ନୀତି ନିୟମକୁ ବିରୋଧ କରିଛି । ଏହାର ସଫଳ ଦୃଷ୍ଟାନ୍ତ 'ଲଚ୍ଛମା' ଉପନ୍ୟାସର ନାୟିକା'ଲଚ୍ଛମା' । ପ୍ରଥମେ ପାଠକ ତା'ସହ ସରଳା, ନିରୀହା ଚରିତ୍ର ଭାବେ ଭେଟ ହୁଅନ୍ତି ।

ଜଗନ୍ନାଥ ଦର୍ଶନ ନିମନ୍ତେ ତୀର୍ଥଯାତ୍ରାରେ ଆସିଥିବା ଲଚ୍ଛମା ବର୍ଗୀ ଆକ୍ରମଣ ତଥା ମରହଟ୍ଟାଙ୍କ ଉତ୍ପାତରେ ସ୍ୱାମୀ ବାଦଲଠାରୁ ବିଚ୍ଛିନ୍ନ ହୋଇଯାଇଛି । ଘଟଣାକ୍ରମରେ ଏଇ ସରଳା, ନିରୀହା ଗ୍ରାମ୍ୟ ରମଣୀଟି ସ୍ୱାମୀ ଏବଂ ପିତୃହନ୍ତାଙ୍କଠାରୁ ପ୍ରତିଶୋଧ ନେବା ନିମନ୍ତେ ବୀରାଙ୍ଗନା ରମଣୀ ଭାବେ ଚିତ୍ରିତ ହୋଇଛି । ସେ ହୋଇପାରେ ସାଧାରଣ କିନ୍ତୁ ତା'ର ପଣ ଅସାଧାରଣ । ତା'ରି ଭାଷାରେ– 'ମୋର ବର୍ତ୍ତମାନ ଦୁଇଟି କର୍ତ୍ତବ୍ୟ–ସ୍ୱାମୀଙ୍କ ଅନ୍ୱେଷଣ, ପିତୃହନ୍ତା ମରହଟ୍ଟାର ବଧ ସାଧନ, ଶତ୍ରୁ ଅସଂଖ୍ୟ, ପ୍ରବଳ, ମୁଁ ଅନାଥା, ଏକାକିନୀ । ଚିନ୍ତାନାହିଁ, ଭୟ ଭଞ୍ଜନ ମଧୁସୂଦନ ସହାୟ ହେବେ, କୁଳ ଦେବତା ଏକ ଲିଙ୍ଗ ରକ୍ଷାକରିବେ, ସାଧୁକାର୍ଯ୍ୟରେ ପ୍ରଭୁ ସହାୟ ହୁଅନ୍ତି ।' (ଲଚ୍ଛମା)

ପରିଣତିରେ ତା'ର ଏ ପଣ ସାର୍ଥକ ହୋଇଛି । ଶତ୍ରୁ ଭାସ୍କର ପଣ୍ଡିତକୁ ହତ୍ୟାକରି ସ୍ୱାମୀ ସହ ତା'ର ପୁନର୍ମିଳନ ହୋଇଛି ।

ହେଇପାରେ 'ଲଚ୍ଛମା' ଏକ ଐତିହାସିକ ଉପନ୍ୟାସ, ମାତ୍ର ତା'ର କାଳଜୟୀ ଚରିତ୍ର 'ଲଚ୍ଛମା'ର ବୀରତ୍ୱପୂର୍ଣ୍ଣ ଆଚରଣ ବର୍ତ୍ତମାନ ପରିପ୍ରେକ୍ଷୀ ପାଇଁ କ'ଣ ଆଦ୍ୟ ସ୍ୱତନ୍ତ୍ରତାର ଆହ୍ୱାନ୍ ନଥିଲା କି !! ଏ ଯେ ନାରୀ ଜାଗରଣ ନିମନ୍ତେ ଉଚ୍ଛ୍ୱାସର ଆଦ୍ୟସୂତ୍ର, ଏହା କ'ଣ ଆମେ ଅସ୍ୱୀକାର କରିପାରିବା !!!

'ମାମୁ'ର 'ସରସ୍ୱତୀ ଦେଈ', ପ୍ରାୟଶ୍ଚିତର 'ଶ୍ରୀହରିପ୍ରିୟା'ଙ୍କର ସନ୍ତାନ ବତ୍ସଳା, ସ୍ନେହମୟୀ ଜନନୀର ସ୍ୱରୂପକୁ ମଧ୍ୟ ଔପନ୍ୟାସିକ ଦେଇଛନ୍ତି ଯଥାର୍ଥ ରୂପ ।

ଉପନ୍ୟାସମାନଙ୍କର ଗୌଣ ଚରିତ୍ର ଯଥା : – ମାଣିକ, ମରୁଆ, ଗେହ୍ଲେଇ, ନାକଫୋଡ଼ିଆ ମାଆ, ଜଗା ଫତେସିଂହର ମାଆ ପ୍ରମୁଖ ନାରୀ ସ୍ୱତନ୍ତ୍ରତା ତଥା ସ୍ୱାଧୀନତାର ମନ୍ତ୍ର ଉଚ୍ଚାରଣ କରନ୍ତି ।

ଏଇ ସଂକ୍ଷିପ୍ତ ତର୍ଜମାରୁ ଏତିକି ମନେହୁଏ ଯେ, ସରଳ, ଖଳ ପ୍ରଭୃତି ଚରିତ୍ରଗଣଙ୍କ ଜରିଆରେ ଫକୀର ମୋହନ ସମାଜକୁ ଶୁଣାଇଛନ୍ତି ସତର୍କ ବାର୍ତ୍ତା । ସେ 'ଚମ୍ପା', 'ଚିତ୍ରକଳା' ପରି ଖଳନାୟିକାଙ୍କ ଜରିଆରେ ସମାଜର ସରଳା ନାରୀମାନଙ୍କୁ ସାରିଆ ଓ ଚାନ୍ଦମଣି ଆଦିଙ୍କ ପରି ଏତେ ନିରୀହା, ଭାଗ୍ୟ ବିଶ୍ୱାସୀ ହୋଇ ଅଧୋବଦନ କରି ପଡ଼ିରହିବା ପାଇଁ ଶତ ବାରଣ କରିଛନ୍ତି । ଏ ସୁସ୍ୱଭାବ ପାଇଁ ତମେମାନେ ତାଙ୍କ ଦ୍ୱାରା ବଳି ନ ପଡ଼ିଯାଅ, ବରଂ ତାଙ୍କୁ ଦେଖି ତମେ ସୁ ସଚେତନ ହୁଅ । ସତେକି ଏହା ତାଙ୍କ ହୃଦୟନିଃସୃତ ବାଣୀ ଥିଲା । ବାସ୍ତବିକ କେତେ ମହତ୍ ସତେ ଲେଖକଙ୍କ ସୁଚିନ୍ତିତ ଭାବନା !!!

ଆଧୁନିକ କଥା ସାହିତ୍ୟର ଯୋଗଜନ୍ମା କ୍ରାନ୍ତିକାରୀ ସ୍ରଷ୍ଟାପୁରୁଷ – କଥା ସମ୍ରାଟ୍ ଫକୀର ମୋହନ ସେନାପତିଙ୍କ ବାମାବାଦୀ ଭାବଧାରା ବର୍ତ୍ତମାନ ସାହିତ୍ୟ ତଥା ସମାଜ ପାଇଁ ଥିଲା ପ୍ରାକ୍ ମଶାଲ୍ ତଥା ନିତ୍ୟ ନୂତନ । ନାରୀ ସାହସୀ ହେଉ, ସମାଜରେ ସୁ–ମର୍ଯ୍ୟାଦା ପାଇଁ ନିଜକୁ ପ୍ରସ୍ତୁତ କରୁ, ସ୍ୱେଚ୍ଛାଚାରିତାକୁ ଉପେକ୍ଷା କରି ପରିବର୍ତ୍ତନର ବାହିକା ହେଉ, ଏହା ହିଁ ତ ସେନାପତୀୟ ସାହିତ୍ୟରେ ବାମାବାଦୀ ଭାବାଧାରିତ ଚେତନାର ଆଭିମୁଖ୍ୟ ।

**ଅନୁସୃତ ଗ୍ରନ୍ଥମାଳା**


୧. ସେନାପତି ଫକୀର ମୋହନ, ଗଳ୍ପସ୍ୱଳ୍ପ ୧ମ ଭାଗ ଓ ଗଳ୍ପସ୍ୱଳ୍ପ ୨ୟ ଭାଗ ।

୨. ବେହେରା କୃଷ୍ଣ ଚରଣ, ଦାଶ ଅଧ୍ୟାପକ ଦେବେନ୍ଦ୍ର କୁମାର, ଫକୀର ମୋହନ ଗ୍ରନ୍ଥାବଳୀ (୧ମ ଖଣ୍ଡ) ।

୩. ସାମନ୍ତରାୟ ଡଃ ନଟବର, ଓଡ଼ିଆ ସାହିତ୍ୟର ଇତିହାସ (୧୮୦୩–୧୯୨୦)

୪. ଆଚାର୍ଯ୍ୟ ଡଃ ବୃନ୍ଦାବନ, ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ ।

୫. ଭଞ୍ଜ ସଂଘମିତ୍ରା, ଗଳ୍ପଧୂରୀଣ ସ୍ରଷ୍ଟା ଫକୀର ମୋହନ ।

୬. ମହାନ୍ତି ସୁରେନ୍ଦ୍ର, ଫକୀର ମୋହନ ସମୀକ୍ଷା ।

୭. ସାମନ୍ତରାୟ ଡଃ ନଟବର, ଫକୀର ମୋହନ ସାହିତ୍ୟ ସମୀକ୍ଷା ।

୮. ମାନସିଂହ ଡଃ ମାୟାଧର, ସରସ୍ୱତୀ ଫକୀର ମୋହନ ।

୯. ଦାଶ ଅଧ୍ୟାପକ ସର୍ବେଶ୍ୱର, ଯୁଗସ୍ରଷ୍ଟା ଫକୀର ମୋହନ ।



ଅତିଥି ଅଧ୍ୟାପିକା
ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର, ପିନ୍– ୭୫୧୦୨୨


❖ ❖ ❖